# NATIONAL NEWS BULLETIN (ODIA)

## 14 May - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶର ୧୪ଟି ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ବାରାଣସୀ ନିର୍ବାଚନମଣ୍ଡଳୀରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି ।
- ବିଭିନ୍ନ ସରକାରୀ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ଅର୍ଥ ଦାବି କରୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ସତର୍କ ରହିବାକୁ ଗୃହ ମନ୍ତ୍ରଣାଳୟର ପରାମର୍ଶ ।
- ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନ ସେନାଙ୍କ ଗୁଳିମାଡ଼ରେ ୪ ସାଧାରଣ ନାଗରିକଙ୍କ ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ।

# ଲକ୍ଷ୍ନୌ-ପ୍ରୋଫାଇଲ୍

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶର ୧୪ଟି ଆସନ ପାଇଁ ଆସନ୍ତା ୨୦ ତାରିଖରେ ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ଦେଶର ସବୁଠାରୁ ଚର୍ଚ୍ଚିତ ଆସନ ଲକ୍ଷ୍ନୌ ସଂସଦୀୟ କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହେବ । ବିଜେପି ଏହି ଆସନରେ ୮ଥର ନିର୍ବାଚନ ଜିତିଥିବା ବେଳେ ବର୍ତ୍ତମାନର ସାଂସଦ ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ଆସନରେ କ୍ରମାଗତ ତୃତୀୟ ଥର ନିର୍ବାଚନ ଜିତିଛନ୍ତି । ସମାଜବାଦୀ ପାର୍ଟି ପକ୍ଷରୁ ଲକ୍ଷ୍ନୌ କେନ୍ଦ୍ର ବିଧାୟକ ରବିଦାସ ମେହେତ୍ରାଙ୍କୁ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ କରାଯାଇଛି । ବହୁଜନ ସମାଜବାଦୀ ପାର୍ଟି ସରୱାର ମଲ୍ଲିକଙ୍କୁ ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ କରାଇଛି । ଏହା ବ୍ୟତୀତ ଏହି ଲୋକସଭା ଆସନ ପାଇଁ ଅନ୍ୟ ୭ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

ଲକ୍ଷ୍ନୌ ଲୋକସଭା ଆସନ ଅଧୀନରେ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ଏଗୁଡ଼ିକ ହେଲା ପୂର୍ବ ଲକ୍ଷ୍ନୌ, ପଶ୍ଚିମ ଲକ୍ଷ୍ନୌ, କେନ୍ଦ୍ର ଲକ୍ଷ୍ନୌ, ଉତ୍ତର ଲକ୍ଷ୍ନୌ ଏବଂ କ୍ୟାଣ୍ଟ ବିଧାନସଭା ଆସନ । ଏହି ସଂସଦୀୟ କ୍ଷେତ୍ର ଅଧୀନରେ ୩୯ ଲକ୍ଷ ୩୩ ହଜାର ୧୭ ମତଦାତା ରହିଛନ୍ତି । ସେଥିମଧ୍ୟରେ ୨୦ଲକ୍ଷ ୮୨ ହଜାର ୮୮୮ ପୁରୁଷ ଭୋଟର୍ ଥିବା

ବେଳେ ୧୮ଲକ୍ଷ ୪୯ ହଜାର ୯୬୦ ମହିଳା ଭୋଟର ଏବଂ ୧୬୯ ଜଣ ଅନ୍ୟାନ୍ୟ ବର୍ଗର ମତଦାତା ରହିଛନ୍ତି ।

## ୟୁପି ପୋଲ କ୍ୟାମ୍ପେନିଂ

ଉତ୍ତରପ୍ରଦେଶରେ ଆଜି ସମସ୍ତ ରାଜନୈତିକ ଦଳର ବରିଷ୍ଠ ନେତାମାନେ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆମେଥିର ମୁସିନ୍‌ଗଞ୍ଜ ଠାରେ ବିଜେପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ପାଇଁ ପ୍ରଚାର କରିଛନ୍ତି । ଏହି ଅବସରରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା କହିଛନ୍ତି, କରୋନା ସମୟରେ ରାଜ୍ୟର ଅର୍ଥନୀତି ବିଗିଡ଼ି ଯାଇଥିଲା । ତେବେ ଆମ ସରକାର ଏ ଦିଗରେ ସମସ୍ତ ପ୍ରକାରର ପଦକ୍ଷେପ ନେଇଥିଲେ । ସେହି ସମୟରେ କୌଣସି ବ୍ୟକ୍ତିଙ୍କୁ ଭୋକରେ ଶୋଇବା ପାଇଁ ଦିଆଯାଇ ନ ଥିଲା ଏବଂ ସରକାରଙ୍କ ପକ୍ଷରୁ ସମସ୍ତଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଆମେଥିରେ ହୋଇଥିବା ର୍‍ୟାଲିରେ ଉଦ୍‌ବୋଧନ ଦେଇଥିଲେ । ବିଜେପି ନେତ୍ରୀ ଶ୍ରୀମତୀ ଇରାନୀ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ କିଶୋରୀ ଲାଲ ଶର୍ମାଙ୍କ ବିରୁଦ୍ଧରେ ନିର୍ବାଚନ ଲଢୁଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଭଦ୍ରା ଆଜି ଆମେଥି ଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଛନ୍ତି ।

ସେହିପରି ଝାନ୍‌ସୀ ଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ସହ ସମାଜବାଦୀ ପାର୍ଟି ସଭାପତି ଅଖିଲେଶ ଯାଦବ ମଧ୍ୟ ଏକ ମିଳିତ ର୍‍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି । ଗୋରଖପୁର ନିକଟସ୍ଥ ଚୌରିଚୌରା ଏବଂ ମହାରାଜଗଞ୍ଜ ଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଏକ ର୍‍ୟାଲିରେ ଅଂଶଗ୍ରହଣ କରି କହିଛନ୍ତି, କଂଗ୍ରେସ ଦଳ କ୍ଷମତାକୁ ଆସିଲେ କୃଷି କ୍ଷେତ୍ରରେ ଜି.ଏସ୍‌.ଟି. ଉଠାଇ ଦେବ ।

## ପିଏମ୍-ନୋମିନେସନ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ବାରାଣସୀ ନିର୍ବାଚନମଣ୍ଡଳୀରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲୋକସଭା ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟରେ ବାରାଣାସୀରେ ମତଦାନ ହେବ ଏବଂ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି ।

ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପବିତ୍ର ଗଙ୍ଗାରେ ସ୍ନାନ କରି କାଶୀର କୋଟଓ୍ୱାଲସ୍ଥିତ କାଳଭୈରବଙ୍କ ଆଶୀର୍ବାଦ ଲାଭ କରିଥିଲେ। ପ୍ରାର୍ଥୀପତ୍ର ଦାଖଲ ଅବସରରେ ଚନ୍ଦ୍ରବାବୁ ନାଇଡୁ, ଏକନାଥ ସିନ୍ଦେ, ଜିତନ ରାମ ମାଝୀ, ସଞ୍ଜୟ ନିଶାଦ, ରାମଦାସ ଆଠଓ୍ୱାଲେଙ୍କ

ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ରାଜନାଥ ସିଂହ ଏବଂ ହରଦୀପ ସିଂହ ପୁରୀ ଉପସ୍ଥିତ ଥିଲେ।

## ଇସିଆଇ

ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହେବାଠାରୁ ନିର୍ବାଚନ ଆୟୋଗଙ୍କ ପାଖକୁ ଆସିଥିବା ୯୦ ପ୍ରତିଶତ ଅଭିଯୋଗକୁ ସମାଧାନ କରାଯାଇଛି । ତେବେ କଂଗ୍ରେସ ଏବଂ ବିଜେପି ରାଜନୈତିକ ଦଳର କିଛି ଅଭିଯୋଗ ଆୟୋଗ ଅନୁଧ୍ୟାନ କରୁଛନ୍ତି । ନିର୍ବାଚନ ଆୟୋଗ କହିଛନ୍ତି, ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କ ପକ୍ଷରୁ ୪୨୫ଟି ଅଭିଯୋଗ କରାଯାଇଥିଲା । ଏହା ମଧ୍ୟରୁ ୧୧୭ଟି କଂଗ୍ରେସ ଦଳର ଥିବା ବେଳେ ୯୫ଟି ବିଜେପି ଏବଂ ୧୬୦ଟି ଅନ୍ୟାନ୍ୟ ଦଳମାନଙ୍କ ପକ୍ଷରୁ କରାଯାଇଥିଲା । ଆୟୋଗ କହିଛନ୍ତି, ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଥିବା କିଛି ରାଜନୈତିକ ନେତାମାନଙ୍କୁ ନୋଟିସ୍ ଜାରି କରାଯାଇଛି ।

# ଜୟରାମ-ନିର୍ମଳା

କଂଗ୍ରେସ ଦଳର ନିର୍ବାଚନ ଇସ୍ତାହାରକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେଭଳି ଭାବେ ସମାଲୋଚନା କରିଛନ୍ତ, ତାହାକୁ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଖଣ୍ଡନ କରିଛନ୍ତି । ଶ୍ରୀ ରମେଶ କହିଛନ୍ତି, ଜି.ଡି.ପି. ଅଭିବୃଦ୍ଧି ଏବଂ ନୂତନ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ୟୁ.ପି.ଏ. ସରକାର ଏନ୍.ଡି.ଏ. ସରକାରଙ୍କଠାରୁ ଭଲ ସ୍ଥିତିରେ ଥିଲେ । ସେ କହିଛନ୍ତି, ମୋଦୀ ସରକାରଙ୍କୁ ତୁଳନା କଲେ ୟୁ.ପି.ଏ. ସରକାରଙ୍କ ସମୟରେ ବିତ୍ତୀୟ ନିଅଣ୍ଟ ସର୍ବନିମ୍ନ ରହିଥିଲା । ବିଜେପି ସରକାର ସମୟରେ ବେକାରୀ ସମସ୍ୟା ଏବଂ ଦରଦାମ ବୃଦ୍ଧି ଘଟିଥିବା ନେଇ ଶ୍ରୀ ରମେଶ ଅଭିଯୋଗ କରିଛନ୍ତି ।

ଅପରପକ୍ଷରେ ବିଜେପି ନେତା ନିର୍ମଳା ସୀତାରମଣ କଂଗ୍ରେସ ଦଳର ନ୍ୟାୟପତ୍ର ଇସ୍ତାହାରକୁ ସମାଲୋଚନା କରି କହିଛନ୍ତି, କଂଗ୍ରେସ ଲୋକମାନଙ୍କୁ କେବଳ ଉଚ୍ଚାଭିଳାଷୀ ହେବାର ସ୍ୱପ୍ନ ଦେଖାଉଛି । ଦେଶର ଅର୍ଥନୀତିକୁ ନିମ୍ନଗାମୀ ନ କରି, ଋଣ କିମ୍ବା ଟିକସ ନ ବଢ଼ାଇ କଂଗ୍ରେସ ଦେଶର ଆର୍ଥିକ ପରିଚାଳନା କରିବା ପାଇଁ କେଉଁ ନୀତି ଆପଣେଇବ, ତାହା ପ୍ରକାଶ କରିବା ପାଇଁ ସେ ରାହୁଲ ଗାନ୍ଧିଙ୍କୁ ଆହ୍ୱାନ ଦେଇଛନ୍ତି ।

# ଏମ୍‌ଏଚ୍‌ଏ-ଫ୍ରଡ୍

ନିଜକୁ ସି.ବି.ଆଇ., ପୁଲିସ୍, ନିଶା ନିବାରଣ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭଳି ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଉଥିବା ବ୍ୟକ୍ତି ବିଶେଷଙ୍କ ପ୍ରତି ସତର୍କ ରହିବାକୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍‌ରେ ହସ୍ତଗତ ହୋଇଥିବା ଏକାଧିକ ଅଭିଯୋଗ ଅନୁଯାୟୀ ସାଇବର ଅପରାଧୀମାନେ ନିଜକୁ ବିଭିନ୍ନ ସରକାରୀ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ଲୋକମାନଙ୍କୁ ଧମକଚମକ, ବ୍ଲାକ୍‌ମେଲିଂ, ଶୋଷଣ ଏବଂ ଡିଜିଟାଲ୍ ଠକେଇ ମାଧ୍ୟମରେ  ଅର୍ଥ ଆଦାୟ କରୁଛନ୍ତି । ଅନ୍‌ଲାଇନ୍ ମାଧ୍ୟମରେ ଏହି ସଂଗଠିତ ଅର୍ଥନୈତିକ ଅପରାଧକୁ ସୀମାପାର ସାଇବର ଅପରାଧୀମାନେ ସଂଘବଦ୍ଧ ଭାବରେ ପରିଚାଳନା କରୁଛନ୍ତି । ଏ ପ୍ରକାର ଆର୍ଥିକ ଶୋଷଣର ଶିକାର ହେଉଥିବା ଲୋକମାନେ ଆରମ୍ଭରୁ ସାଇବର ଅପରାଧର ହେଲ୍ପଲାଇନ୍ ନମ୍ବର – **1930** ଏବଂ **www.cybercrime.gov.in** ର ସହଯୋଗ ନେବା ପାଇଁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି ।

# ପିଓକେ-ଭାଓଲେନ୍ସ

ପାକ୍ ଅଧିକୃତ କାଶ୍ମୀରରେ ପାକିସ୍ତାନ ସେନାଙ୍କ ଗୁଳିମାଡ଼ରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ ଜଣରୁ ଅଧିକ ଆହତ ହୋଇଛନ୍ତି । ଗତ ଶୁକ୍ରବାର ଠାରୁ ହଜାର ହଜାର ବିକ୍ଷୋଭକାରୀ ରାଜରାସ୍ତାରେ ଆସି ଉଚ୍ଚ ଦରଦାମ ବୃଦ୍ଧିକୁ ବିରୋଧ କରି ବିକ୍ଷୋଭ କରୁଛନ୍ତି । ପୋଲିସ୍ ବିକ୍ଷୋଭକାରୀମାନଙ୍କୁ ଘଉଡ଼ାଇବା ବେଳେ ସେମାନଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିଲା । ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ପାକିସ୍ତାନ ସରକାରଙ୍କ ପକ୍ଷରୁ ସେଠାରେ ୧୪୪ ଧାରା ଜାରି କରାଯିବା ସହ ସ୍କୁଲ୍, ସାଧାରଣ ପରିବହନ ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ ରଖାଯିବା ସହ ମୋବାଇଲ୍ ଯୋଗାଯୋଗ ଉପରେ କଟକଣା ଲଗାଯାଇଛି ।

# ପିବି ଚେୟାରମ୍ୟାନ୍-ଭିଜିଟ୍

ପ୍ରସାରଭାରତୀ ଅଧ୍ୟକ୍ଷ ନବନିତ ଶେହଗଲ ଆଜି ନୂଆଦିଲ୍ଲୀ ସ୍ଥିତ ଆକାଶବାଣୀ ମୁଖ୍ୟାଳୟ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ଶେହଗଲ ଏହି ଅବସରରେ ନ୍ୟୁଜ୍ ସର୍ଭିସ୍ ଡିଭିଜନ୍‌ର ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ କାର୍ଯ୍ୟକ୍ରମ ଏବଂ ଇଞ୍ଜିନିୟର ବିଭାଗର ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା

କରିଛନ୍ତି । ଆକାଶବାଣୀରେ ଦେଖାଯାଉଥିବା ବିଭିନ୍ନ ସମସ୍ୟାକୁ କିଭଳି ସମାଧାନ କରାଯିବ ସେ ଦିଗରେ ପଦକ୍ଷେପ ନେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି । ଆକାଶବାଣୀର ଗୁଣବତ୍ତା ବଜାୟ ରଖିବା ପାଇଁ କି ପଦକ୍ଷେପ ନିଆଯିବ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଆକାଶବାଣୀକୁ ଅଧିକ ପ୍ରଭାବଶାଳୀ, ସହଜଲବ୍ଧ ଏବଂ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ଆକାଶବାଣୀ କିଭଳି ଅଧିକ ଶ୍ରୋତାମାନଙ୍କ ପାଖରେ ଡିଜିଟାଲ୍ ମିଡ଼ିୟମ୍ ମାଧ୍ୟମରେ ପହଞ୍ଚି ପାରିବ ସେ ଦିଗରେ ଆଲୋଚନା କରିଥିଲେ । ଶ୍ରୀ ଶେହଗଲ ମୁଖ୍ୟାଳୟର ସମ୍ବାଦ ବିଭାଗ ମଧ୍ୟ ପରିଦର୍ଶନ କରିଥିଲେ ।

## ସେଣ୍ଟର-ଏଲ୍‌ଟିଟିଇ

ଲିବରେସନ୍ ଟାଇଗର୍ ଅଫ୍ ତାମିଲ୍ ଏଲାନ୍ (ଏଲ୍.ଟି.ଟି.ଇ.) ଉପରେ ଲଗାଯାଇଥିବା କଟକଣାକୁ କେନ୍ଦ୍ର ସରକାର ଆହୁରି ପାଞ୍ଚ ବର୍ଷ ପାଇଁ ବୃଦ୍ଧି କରିଛନ୍ତି । ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି, କେନ୍ଦ୍ର ସରକାର ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନେଇଛନ୍ତି । ଭାରତର ସୁରକ୍ଷାକୁ ଏବଂ ଏଲ୍.ଟି.ଟି.ଇ. ପକ୍ଷରୁ କୌଣସି ପ୍ରକାର ଅନ୍ତର୍ଘାତୀ ମୂଳକ କାର୍ଯ୍ୟର

ଆଶଙ୍କାକୁ ଦୃଷ୍ଟିରେ ରଖି ଏହି କଟଣାକୁ ବୃଦ୍ଧି କରାଯାଇଥିବା ସରକାର କହିଛନ୍ତି ।

## କେରଳ-ପାଣିପାଗ

କେରଳର ପଠାନାମଥିତା ଏବଂ ଇଡୁକି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିଛି । ରାଜ୍ୟର ୮ଟି ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ବିଭାଗ ପକ୍ଷରୁ ୟେଲୋ ଆଲର୍ଟ ଜାରି କରାଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏ ସମ୍ପର୍କରେ ଆଜି ଏକ ସତର୍କ ସୂଚନା ଜାରି କରି ପ୍ରବଳ ବର୍ଷା ଜନିତ ବନ୍ୟା ଆଶଙ୍କା ଥିବାରୁ ଜନସାଧାରଣ ପାହାଡ଼ିଆ ଅଞ୍ଚଳକୁ ରାତିରେ ଯାତାୟତ ନ କରିବା ପାଇଁ ପରାମର୍ଶ ଦେଇଛି । ସେହିପରି ବର୍ଷା ଜନିତ ବନ୍ୟା ଜଳ ନିଷ୍କାସନ ପାଇଁ ଡ୍ୟାମ୍ ଗୁଡ଼ିକରୁ ପାଣି ଛଡ଼ାଯିବାକୁ ଥିବାରୁ ନଦୀ ତଳ ଅଞ୍ଚଳରେ ରହୁଥିବା ଲୋକମାନେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ କୁହାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ନୂଆଦିଲ୍ଲୀ ଠାରେ ଆଉ କିଛି ସମୟ ପରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଦଳ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।